୬ବର୍ଷର ଶିଶୁକୁ ଦୁଷ୍କର୍ମ

ସିଡିଏରୁ ଗିରଫ ହେଲା ଅଭିଯୁକ୍ତ, ଆସନ୍ତାକାଲି କୋର୍ଟ ଚାଲାଣ

କଟକ, ୨୯।୪ (ଇମିସ): ଲାଲବାଗ ଥାନା ଅଞ୍ଚଳରେ ଜଣେ ୬ବର୍ଷର ଶିଶୁ କନ୍ୟାକୁ ରାସ୍ତା ଉପରୁ ଉଠାଇ ନେଇ ଦୁଷ୍କର୍ମ କରାଯାଇଛି। ଏସଂକ୍ରାନ୍ତରେ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ରାତି ପ୍ରାୟ ୧୦ଟା ବେଳକୁ ଅଭିଯୁକ୍ତକୁ ସିଡିଏରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ମାନସିଂହପାଟଣାର ଦେବୁ ସାମଲ (୩୦)। ପୂର୍ବରୁ ମହିଳା ଥାନାରେ ହୋଇଥିବା ଏକ ଦୁଷ୍କର୍ମ ଘଟଣାରେ ଦେବୁ ଜେଲ୍ ଯାଇଥିବା ସୂଚନା ମିଳିଛି। ଆସନ୍ତାକାଲି ଦେବୁର ଡାକ୍ତରୀ ମାଇନା ହେବା ପରେ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

ପୁଲିସ୍‌ଠୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ସାଢେ ୭ଟା ସମୟରେ ସଂପୃକ୍ତ ନାବାଳିକା ଅଙ୍ଗନବାଡି କେନ୍ଦ୍ରକୁ ପଢିବାକୁ ଯାଇଥିଲା। ସେଠାରୁ ପ୍ରାୟ ୧୦ଟା ବେଳେ ଘରକୁ ଫେରୁଥିଲା। ରାସ୍ତାରେ ଏକୁଟିଆ ଚାଲିଚାଲି ଆସୁଥିବା ଦେଖି ଦେବୁ ଶିଶୁକୁ ଜୋର୍ ଜବରଦସ୍ତ ଉଠାଇନେଇଥିଲା। ପାଖରେ ଥିବା ଏକ ବୁଦା ଭିତରେ ଦୁଷ୍କର୍ମ କରୁଥିବାବେଳେ ଝିଅର ଚିତ୍କାର ଶୁଣି ପାଖ ଲୋକମାନେ ସେଠାକୁ ଆସିଥିଲେ। ସେତେବେଳକୁ ଅଭିଯୁକ୍ତ ଦେବୁ ଫେରାର୍ ହୋଇଯାଇଥିଲା। ଲୋକମାନଙ୍କ ସହାୟତାରେ ଶିଶୁକୁ ତାଙ୍କ ପରିବାର ଜିମା ଦିଆଯାଇଥିଲା। ଝିଅଠୁ ସବୁକିଛି ଶୁଣିବା ପରେ ତାଙ୍କ ମା' ଲାଲବାଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶିଶୁର ଡାକ୍ତରୀ ମାଇନା କରାଯିବା ପରେ ଘରକୁ ପଠାଇ ଦିଆଯାଇଥିଲା। ଏସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ବିଭିନ୍ନ ସ୍ଥାନରେ ପୁଲିସ୍ ଚଢାଉ କରିବା ପରେ ରାତି ପ୍ରାୟ ୧୦ଟା ବେଳକୁ ସିଡିଏରୁ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ବିରୋଧରେ ଦଫା ୩୭୬ ଏ, ୩୭୬ ବି, ୩୬୩, ୫୦୬, ୩୨୩, ପୋକ୍‌ସୋ ଆକ୍ଟ ଦଫା ୬ ଅନୁଯାୟୀ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି କୁହାଯାଉଛି।

କାଠଯୋଡି ବିହାର ବସ୍ତି ଆକ୍ରମଣ ଘଟଣାରେ ଦୁଇ ଗିରଫ

କଟକ-ସିଡିଏ,୨୯।୪(ଇମିସ): ଚଳିତ ନିର୍ବାଚନରେ ନିର୍ଦ୍ଦିଷ୍ଟ ଗୋଟିଏ ଦଳକୁ ସମର୍ଥନ କରିବାକୁ କେନ୍ଦ୍ର କରି କାଠଯୋଡି ବିହାର ବସ୍ତିରେ ଘଟିଥିବା ହିଂସାକାଣ୍ଡରେ ମର୍କତନଗର ପୁଲିସ୍ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସ୍ଥାନୀୟ ବସ୍ତିର ଖୁଣ୍ଟୁ ଓରଫ ସନ୍ତୋଷ ବେହେରା ଓ ଛୋଟୁ ଓରଫ ଛୋଟୁ ଦାସ। ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, କାଠଯୋଡି ବିହାର ବସ୍ତିର ବାବୁଲା ଦାସ ଓ ବାବୁଲା ନାଏକ ନାମକ ଦୁଇ ଜଣ ଯୁବକ ଏକ ନିର୍ଦ୍ଦିଷ୍ଟ ଦଳକୁ ସମର୍ଥନ କରି ଭୋଟ ଦେବାକୁ ବସ୍ତି ଲୋକମାନଙ୍କୁ କହିଥିଲେ। ଏହାକୁ କେନ୍ଦ୍ର କରି ଗତ ମଙ୍ଗଳବାର ରାତିରେ ପ୍ରତିପକ୍ଷ ଦଳର କିଛି ସମର୍ଥକଙ୍କ ସହିତ ସେମାନଙ୍କର ପାଟିତୁଣ୍ଡ ହୋଇଥିଲା। ପୁଣି ବୁଧବାର ରାତିରେ ଅଭିଯୁକ୍ତ ଛୋଟୁ ଓ ଖୁଣ୍ଟୁ ତାଙ୍କର କିଛି ସହଯୋଗୀଙ୍କ ସହ ବସ୍ତିରେ ପଶି ବାବୁଲା ଦାସ ଓ ବାବୁଲା ନାଏକଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏପରିକି ବସ୍ତିର କିଛି ଲୋକ ସେମାନଙ୍କୁ ଉଦ୍ଧାର କରିବାକୁ ଆସିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏନେଇ ପୁଲିସକୁ ସୂଚନା ଦେବା ପରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ବସ୍ତି ଲୋକମାନେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଇଥିଲେ। ଘଟଣା ସଂକ୍ରାନ୍ତରେ ଆହତଙ୍କ ପରିବାର ପକ୍ଷରୁ ମର୍କତନଗର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରିଥିଲେ ବି ୪ଦିନ ପର୍ଯ୍ୟନ୍ତ କାହାରିକୁ ଗିରଫ କରିପାରିନଥିଲା। ଏପରିକି ଥାନାରୁ ମାମଲା ପ୍ରତ୍ୟାହାର ପାଇଁ ଅଭିଯୋଗକାରୀଙ୍କ ଉପରେ ଚାପ ପକାଯାଉଥିଲା। ଏହାକୁ ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବାରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଶନିବାର ଥାନା ଘେରାଉ କରାଯାଇଥିଲା। ଘଟଣାର ତଦନ୍ତ ପାଇଁ ଜୋନ-୩ ଏସିପିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପୁଲିସ ଘଟଣାର ତଦନ୍ତ କରି ଆଜି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

'ଓଡ଼ିଶାରେ ଶିଳ୍ପ ବିପ୍ଳବ ମଧୁବାବୁଙ୍କ ସ୍ୱପ୍ନ ଥିଲା'

YMCA, CUTTACK
celebration of 125
Quasquicentennial Years 1

କଟକ, ୨୯/୪(ଇମିସ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ବାର୍ଷିକୀ ଏବଂ ୱାଇଏମସିଏ କଟକ ଶାଖାର ୧୨୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ତପନ କୁମାର ଚାନ୍ଦ ଯୋଗଦେଇ ମଧୁବାବୁଙ୍କ ଦେଶପ୍ରେମର ଅବତାରଣା କରିଥିଲେ। ମଧୁବାବୁ କେବଳ ଆଧୁନିକ ଓଡ଼ିଶାର ନିର୍ମାତା ନଥିଲେ ବରଂ ମହାନ ଦୂରଦ୍ରଷ୍ଟା ଥିଲେ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାରେ ଶିଳ୍ପର ସେତେଟା ବିକାଶ ହୋଇ ନଥିଲେ ମଧ୍ୟ ସେ ଉତ୍ତମ ଗୁଣବତ୍ତା ସମ୍ପନ୍ନ ବିଶ୍ୱ ସ୍ତରର ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଥିଲେ। ଓଡ଼ିଶାରେ ଶିଳ୍ପ ବିପ୍ଳବ ମଧୁବାବୁଙ୍କ ସ୍ୱପ୍ନ ଥିଲା ବୋଲି ଡ. ଚାନ୍ଦ ମତ ଦେଇଥିଲେ। ଶିକ୍ଷା, ନାରୀ ସଶକ୍ତୀକରଣ, କ୍ରୀଡ଼ା, ଚରିତ୍ର ଗଠନ ଆଦି କ୍ଷେତ୍ରରେ ୱାଇଏମସିଏ କରୁଥିବା କାର୍ଯ୍ୟର ଭୂୟସୀ ପ୍ରଶଂସା ଡ. ଚାନ୍ଦ କରିଥିଲେ। ବର୍ଷୀୟାନ କଳାକାର ଟରଣୀ ଦାସଙ୍କୁ ଡ. ଚାନ୍ଦ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ନାଲ୍‌କୋ ଦ୍ୱାରା ସିଏସଆର ଅଧୀନରେ କରାଯାଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ୱାଇଏମସିଏର ଅଧ୍ୟକ୍ଷ ଡ. ରାଜ ବଲ୍ଲଭ ମହାନ୍ତି ନାଲକୋ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ମଉଗଜପୁର ଷ୍ଟେସନ୍‌ରେ ସାର, କୋଇଲା ଚୋରା ଚାଲାଣ

କର୍ମଚାରୀଙ୍କ ସଂପୃକ୍ତି ସନ୍ଦେହ, ସୁରକ୍ଷାକର୍ମୀ ନିୟୋଜିତ ପାଇଁ ଦାବି

କଟକ-ବିଦ୍ୟାଧରପୁର, ୨୯।୪(ଇମିସ): ମଉଗଜପୁର ଷ୍ଟେସନ୍‌ରେ ଚୋରଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ଷ୍ଟେସନ୍‌ରେ ରହୁଥିବା ମାଲଗାଡି ଗୁଡିକରୁ କୋଇଲା, ସାର, ସିମେଣ୍ଟ ଗୁଡିକ ଚୋରା ଚାଲାଣ କରାଯାଉଛି। କଟକ ଷ୍ଟେସନ୍‌ରୁ ୫କିଲୋମିଟର ଦୂରରେ ଥିବା ଏହି ଷ୍ଟେସନ୍‌ରେ କୌଣସି କର୍ମଚାରୀ ରହୁନଥିବାରୁ ଚୋରାଚାଲାଣ ବୃଦ୍ଧି ପାଉଛି। ଏଥିରେ ଟ୍ରେନ୍‌ରେ ଆସୁଥିବା କର୍ମଚାରୀ ଓ ସୁରକ୍ଷା କର୍ମଚାରୀମାନେ ସଂପୃକ୍ତ ରହୁଥିବା କୁହାଯାଉଛି। ଆଜି ଦିନ ସାଢେ ୪ଟାରୁ ୫ଟା ମଧ୍ୟରେ ପାରାଦୀପରୁ ଆସିଥିବା ଏକ କୋଇଲା ବୋଝେଇ ମାଲଗାଡ଼ି ଏହି ଷ୍ଟେସନ୍‌ରେ ଦୀର୍ଘ ସମୟ ଅଟକିଥିଲା। ଚୋରମାନେ ଟ୍ରାକ୍ଟରରେ ମାଲଗାଡିରୁ କୋଇଲା ନେଇ ଯାଉଥିବା ଦେଖାଯାଇଥିଲା। ଗତମାସରେ ଏହି ଷ୍ଟେସନ୍‌ରେ ଏକ ସାର ବୋଝେଇ ମାଲଗାଡ଼ି ରାତି ୨ଟାରେ ଅଟକିଥିଲାବେଳେ ଚୋରମାନେ ୧୨ ବସ୍ତା ସାର ଚୋରି କରି ଏକ ପାସେଞ୍ଜର ଅଟୋରେ ନେଉଥିଲେ। ତେବେ ରାତି ୩ଟାରେ କନ୍ଦରପୁର ଥାନା ପୁଲିସ୍ ପାଟ୍ରୋଲିଂ ସମୟରେ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଏଭଳି ଘଟଣା ଏଠାରେ ନୂଆ ନୁହେଁ ଅନେକ ଦିନ ତଳୁ ଷ୍ଟେସନ୍‌ରେ ଚୋରା ଚାଲାଣ ହୋଇଆସୁଥିବା ଦେଖାଯାଇଛି। ହେଲେ ରେଳ ବିଭାଗ ଏବିଷୟରେ ଜାଣି ମଧ୍ୟ ଅଜଣା ରହିଛି। ଏ ସଂକ୍ରାନ୍ତରେ ଆର୍‌ପିଏଫ୍ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲାବେଳେ ତଦନ୍ତ କରାଯାଇ ସୂଚନା ଦିଆଯିବ ବୋଲି କୁହାଯାଇଛି। ମଉଗଜପୁର ଷ୍ଟେସନ୍‌ରେ ତୁରନ୍ତ ସୁରକ୍ଷା କର୍ମଚାରୀ ନିୟୋଜିତ କରାଯାଇ ଚୋରା ଚାଲାଣ ବନ୍ଦ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

ଭୋଟ ବର୍ଜନ କଲେ ୩୦ ପରିବାର

କଣ୍ଟାପଡ଼ା, ୨୯।୪ (ଇମିସ): ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କଣ୍ଟାପଡ଼ା ବ୍ଲକ୍ ନାହାଳପୁର ପଞ୍ଚାୟତର ଗୁଣାଦଳ ଠାକୁରପୋଖରୀ ୮ ନମ୍ବର ୱାର୍ଡର ୩୦ଟି ପରିବାର ଆଜି ଭୋଟ୍ ବର୍ଜନ କରିଥିବା ଜଣାପଡ଼ିଛି। ଗ୍ରାମର ମୌଳିକ ସମସ୍ୟାର ସମାଧାନ କରାଯାଇ ନ ଥିବା ଏବଂ ଉନ୍ନୟନ କାର୍ଯ୍ୟରୁ ବଞ୍ଚିତ ହୋଇଥିବା ଅଭିଯୋଗ କରି ସେମାନେ ଭୋଟ ଦେବାକୁ ଯାଇ ନ ଥିବା ସୂଚନା ମିଳିଛି। ବିଶେଷ କରି, କଳିକତି ଦଳରେ ଭରପୂର ହୋଇ ରହିଥିବା ଗୁଣାଦଳ ଠାକୁର ପୋଖରୀ ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାର ପ୍ରତିବାଦରେ ଗ୍ରାମର କୃଷ୍ଣଚନ୍ଦ୍ର ମଲ୍ଲିକ, ହୃଦାନନ୍ଦ ଭୋଇ, ବିଶ୍ୱନାଥ ଭୋଇ, ପ୍ରକାଶ ଚୌଧୁରୀ, ବିପିନ୍ ଚୌଧୁରୀ, ପ୍ରତାପ ଚୌଧୁରୀ, ସନ୍ତୋଷ ଚୌଧୁରୀ, ସର୍ବେଶ୍ୱର ଚୌଧୁରୀ, କାଶୀନାଥ ମଲ୍ଲିକ, ସଚ୍ଚିଦାନନ୍ଦ ଚୌଧୁରୀ, କନକଲତା ଚୌଧୁରୀ, ଜୟଶ୍ରୀ ଚୌଧୁରୀ, ଆରତି ମଲ୍ଲିକଙ୍କ ସମେତ ୩୦ଟି ପରିବାର ମତଦାନ ନ କରି ଠାକୁର ପୋଖରୀ ସମ୍ମୁଖରେ ବସି ରହିଥିବା ଦେଖାଯାଉଥିଲା।

ଗୁଞ୍ଜନ ତରଫରୁ ବିଶ୍ୱ ନୃତ୍ୟ ଦିବସ

WORLD DANCE DAY

କଟକ, ୨୯।୪ (ଇମିସ): ଗୁଞ୍ଜନ ଡ୍ୟାନ୍ସ ଏକାଡେମୀରେ ପାଳିତ ହୋଇଛି ଅନ୍ତର୍ଜାତୀୟ ନୃତ୍ୟ ଦିବସ। ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ୧୯୯୫ ମସିହାରେ ପ୍ରତିଷ୍ଠିତ ହୋଇ ଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟଶୈଳୀକୁ ଆଧାର କରି ଓଡିଶୀ ଶାସ୍ତ୍ରୀୟ ନୃତ୍ୟର ଶୁଦ୍ଧ ରୂପରେ ପ୍ରସାର ପ୍ରଚାରର ଅଭିମୁଖ୍ୟ ବହନ କରିଛି। ବହୁଳ ଭାବରେ ଅଗଣିତ ଦର୍ଶକ ଓ ବିଭିନ୍ନ ବର୍ଗର କଳାପ୍ରେମୀଙ୍କୁ ଏହି ନୃତ୍ୟ ଶୈଳୀକୁ ଭେଟିଦେଉଛି ଗୁଞ୍ଜନ। ପ୍ରତ୍ୟେକ ବର୍ଷ ପରି ଆଜି ଗୁଞ୍ଜନ ଅଗଣାରେ ବିଶ୍ୱନୃତ୍ୟ ଦିବସ ପାଳନ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ପି.ଏସ ମିଶ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇସାନ କୁମାର ପାତ୍ର, ସିକତା ଦାସ ଓ ଗୁଞ୍ଜନ ଆକାଡେମୀର ସଭାପତି ଗାୟତ୍ରୀ ଦାସ। ଗୁଞ୍ଜନର ଅଗଣାରେ କଳାପ୍ରେମୀଙ୍କ ଗହଣରେ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ବରିଷ୍ଠ ଶିଷ୍ୟା ଓ ବରିଷ୍ଠ ନୃତ୍ୟ ଶିଳ୍ପୀ ସିକତା ଦାସ। ଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ବରିଷ୍ଠ ନୃତ୍ୟଶିଳ୍ପୀ ଶିବାନୀ ପରିଡା ଏକକ ନୃତ୍ୟ ପରିବେଷଣ କରିଥିଲେ। ଦ୍ୱୈତ୍ୟ ନୃତ୍ୟରେ ସ୍ୱପ୍ନା ଦତ୍ତ, ସ୍ୱର୍ଣ୍ଣମୟୀ ଏବଂ ଗୁଞ୍ଜନର କୁନି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।

ଝୁମୁକା ପକ୍ଷରୁ ସ୍ୱାଭିମାନ ଦିବସ

କଟକ, ୨୯।୪(ଇମିସ): ଶିଶୁ କିଶୋର ପତ୍ରିକା ' ଝୁମୁକା' ପକ୍ଷରୁ ମଧୁବାବୁଙ୍କ ୧୭୧ତମ ଜୟନ୍ତୀ ଓ ସ୍ୱାଭିମାନ ଦିବସ ପାଳିତ ହୋଇଛି। ଏହି ଅବସରରେ ଏନ୍‌ବିଟି ଓଡ଼ିଆ ଭାଷା ପରାମର୍ଶଦାତା ମଣ୍ଡଳୀ ସଦସ୍ୟ ତଥା ପତ୍ରିକାର ସଂପାଦକ ମାନସ ରଞ୍ଜନ ସାମଲ ଚୌଦ୍ୱାର କଲେଜ୍ ପରିସରରେ ମଧୁବାବୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ନିଉ ଷ୍ଟିୱାର୍ଟ ସ୍କୁଲ୍‌ରେ ମଧୁଜୟନ୍ତୀ

କଟକ,୨୯।୪(ଇମିସ): ମିସନରୋଡ୍‌ସ୍ଥିତ ନିଉ ଷ୍ଟିୱାର୍ଟ ସ୍କୁଲ୍ ପରିସରରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ଅଧ୍ୟକ୍ଷା ଏମ୍.ତୃପ୍ତିରାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ଅମୂଲ୍ୟ କୁମାର ବେହେରା, କ୍ରୀଡ଼ା ଅଧିନାୟକ ଜୟଶ୍ରୀ ପାଢୀ, ଶିକ୍ଷୟିତ୍ରୀ ମମତାରାଣୀ ପାତ୍ର, ଅଭିଜିତ୍ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋରାକବର ଓ ଶୈଳବାଳା କଲେଜ ପରିସର ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

ନିର୍ବାଚନ ପାଇଁ ରାସ୍ତାଘାଟ ଶୂନ୍‌ଶାନ୍

SAMBAD
ସମ୍ବାଦ
ଉପହାର କୁପନ
ଏପ୍ରିଲ୍ ୨୦୧୯
ତାଃ.........................
ନାମ : ....
ବୟସ : ....
କଟକ
ବୃତ୍ତି : ....
ଠିକଣା ....
....
ଇ-ମେଲ୍ ଆଇ.ଡ଼ି : ....
ମୋବାଇଲ୍ ନଂ : ....
ଏହି କୁପନଟିକୁ ସଂପୂର୍ଣ୍ଣ ପୂରଣ କରି ଏପ୍ରିଲ୍ ୧୨ ଏବଂ ୧୮ ତାରିଖର ସମ୍ବାଦ ସହ ନିକଟସ୍ଥ ଉପହାର ବିତରଣ କେନ୍ଦ୍ରରେ ଦାଖଲ କରି ଉପହାର ନିଅନ୍ତୁ।

ବିଭିନ୍ନ ସ୍ଥାନରେ ମଧୁ ଜୟନ୍ତୀ ପାଳନ



ଶୈଳବାଳା କଲେଜ: ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତି ସଭା କଲେଜର ଏ-୩୭ ଶ୍ରେଣୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଡକ୍ଟର ଚିନ୍ମୟୀ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସଂସ୍କୃତ ବିଭାଗର ସଚିବ ମନୋରଂଜନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ କବି ଡକ୍ଟର ରଂଜିତ ନାୟକ, ସମ୍ମାନିତ ଅତିଥି ଭାବେ ଡକ୍ଟର ସୁନାମଣି ରାଉତ ଯୋଗଦେଇ ମଧୁଙ୍କ ସ୍ମୃତି ଚାରଣ କରିଥିଲେ। ଅଧ୍ୟକ୍ଷା ଡକ୍ଟର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଧୁସ୍ମୃତି ସଂସଦର ସଦସ୍ୟା ସ୍ନେହଲତା ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ମେନକା ରାଣୀ ସାହୁ ପରିଚାଳନା କରିଥିବା ବେଳେ ଡକ୍ଟର ନର୍ମଦା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

କଟକ-ଚୌଦ୍ୱାର ବିକାଶ ପରିଷଦ: କଟକ-ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ଉତ୍କଳ ମଧୁ ସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଗଠନ ସଭାପତି ମାନସ କୁମାର ପରିଡାଙ୍କ ଅଧ୍ୟକ୍ଷତାର ଶିଖରପୁର ସ୍ଥିତ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁ ସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ସଭାରେ ପୂର୍ବତନ କର୍ପୋରେଟର ସନାତନ ପୃଷ୍ଟି, ଶ୍ରୀମନ୍ତ ପ୍ରଧାନ, ଶିଖରପୁର ଉପରସାହି ଅଧିକାରୀ ଜିତେନ୍ଦ୍ର ଶତପଥୀ, ଜଗତପୁର ଶାନ୍ତି କମିଟି ସଭାପତି ନିରଂଜନ ବିଶ୍ୱାଳ, ତୀର୍ଥାନନ୍ଦ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଧୁ ବାବୁଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କୁ ଭାରତରତ୍ନ ପ୍ରଦାନ କରିବାକୁ ଦାବି ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ପାଣିଗ୍ରାହୀ, ସମାଜସେବୀ ଅଶ୍ୱିନୀ ମହାରଣା, ହୃଷିକେଶ ପଣ୍ଡା, ଲକ୍ଷ୍ମୀଧର ଶରଣ, ପ୍ରତାପ ପରିଡା, ଦିଲ୍ଲୀପ ଦଲାଇ, ଜୟ ନାରାୟଣ ତ୍ରିପାଠୀ, ଦିଲ୍ଲୀପ ଭୂୟାଁ, ହରିହର ପରିଡା, ଅମ୍ରିତା ଦାସ, ମୋନାଲିସା ଦାସ, ଚିତ୍ତ ରଂଜନ ମହାନ୍ତି, କିଶୋର ନାୟକ, ସୌମେନ୍ଦ୍ର ମହାନ୍ତି, ମନୋରଂଜନ ସାମଲ, ଶେଖ ଅସଲମ୍ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ସମ୍ମିଳନୀ ପକ୍ଷରୁ ଗୋରାକବରଠାରେ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ କରାଯାଇଛି। ସଭାପତି ମହମ୍ମଦ କମରୁଲ ହୁସେନ୍‌ଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା, ଗୁରୁପ୍ରସାଦ ମହାନ୍ତି, କିଶୋର କୁମାର ମହାନ୍ତି, ନିଳିମା ପ୍ରିୟଦର୍ଶିନୀ, ମୀରା ବେଉରା, ବସନ୍ତ କୁମାରୀ ନନ୍ଦ, ଅକ୍ଷୟ ଦାସ, ଉପେନ୍ଦ୍ର ବେହେରା, ବିହଙ୍ଗରାଜ ବିଶ୍ୱାଳ, ବଶ୍ୱଜିତ ସୂର୍ଯ୍ୟବଂଶୀ, ସୁସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

ବୟାଳିଶମୌଜା, ୨୯।୪(ଇମିସ): କଟକସଦର ବ୍ଲକ୍ ଝାରକଟା ପଂଚାୟତ ଅନ୍ତର୍ଗତ ପଟଣା ଗ୍ରାମରେ ଗ୍ରାମବାସୀ ତଥା ପୂଜ୍ୟ ପୂଜା ସଂସଦ ଆନୁକୂଲ୍ୟରେ ନୃସିଂହ ଆନନ୍ଦ ପୂଜ୍ୟପୂଜା ମଣ୍ଡପରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପୂଜ୍ୟପୂଜା ସଂସଦର ସଭାପତି ଗୋବିନ୍ଦ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ବେହେରା, ବିକାଶ ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି, ଅଧ୍ୟାପିକା ବନପ୍ରଭା ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶୈବାଳିନୀ ତ୍ରିପାଠୀଙ୍କ ପ୍ରୋତ୍ସାହନରେ ମାନିନୀ ସାଂସ୍କୃତିକ କଳା ପରିଷଦ ଦ୍ୱାରା ନୂଆପାଟଣାର ଏକ ନୂଆ ଶାଖା ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନଙ୍କ ସହଯୋଗରେ ଆନନ୍ଦ ନୃସିଂହ ପୂଜ୍ୟ ପୂଜା ମଣ୍ଡପରେ ଖୋଲାଯାଇଥିଲା। ଉକ୍ତ ଉତ୍ସବରେ ନୃତ୍ୟ ପରିବେଷଣ କରିଥିବା ସୃଷ୍ଟି ଦାସ ମହାପାତ୍ର, ଯାଜ୍ଞସେନୀ ଆଚାର୍ଯ୍ୟ, ସାଇଶ୍ରୀ, ସାଇଶ୍ରଦ୍ଧା, ମନିଷା ଭୋଇ, ସାଗର କୁମାର ଭୋଇଙ୍କ ସହିତ ଏକେ ବିଦ୍ୟାମନ୍ଦିରର ଛାତ୍ର ଶ୍ରୀଅଂଶୁ ମହାନ୍ତିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂଜ୍ୟପୂଜା ସଂସଦର ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, ସାମ୍ବାଦିକ ଅନିଲ କୁମାର ଦାସ, ଜ୍ୟୋତିରଞ୍ଜନ ଦାସ, କୁଳମଣି ମିଶ୍ର, ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ନଟବର ବେହେରା, ଉପେନ୍ଦ୍ର ବାରିକ, ମହେଶ୍ୱର ବେହେରା, ପ୍ରଭାତ କୁମାର ଖଟୁଆ, ସୁରେନ୍ଦ୍ର ମହାନ୍ତି, ହରି ଆଚାର୍ଯ୍ୟ, ବିଚିତ୍ରାନନ୍ଦ ଭୋଇ, ଶୁଭେନ୍ଦୁ ମହାନ୍ତି, ସିପୁନ ପ୍ରଧାନ, ପପୁ ପ୍ରଧାନ, ଦୀପକ ସ୍ୱାଇଁ, ସର୍ବେଶ୍ୱର ଗଣ୍ଟିଆ, ନାରାୟଣ ପ୍ରଧାନ, ଅଭିଳାଷ ସ୍ୱାଇଁ, ମିଥୁନ ପ୍ରଧାନ, ରାମ ସ୍ୱାଇଁ, ରାଜୀବ୍ ମହାନ୍ତି, ଶୁଭେନ୍ଦୁ ଦାସ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସଞ୍ଜିତ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।